ପରେ ଶୂନ୍ୟକାଳ ପ୍ରାରମ୍ଭରେ ଗୃହ

ରଖୁନାହାନ୍ତି । ତେଣୁ ବାଚସ୍ପତି ଏଭଳି

ସମ୍ପର୍କରେ କହିବି ନାହିଁ । ମାତ୍ର

# ବିଜିୟୁ ପକ୍ଷରୁ ୟୁନିୟନ ବଜେଟ୍ ସେମିନାର




ଭୁବନେଶ୍ୱର,(ସବ୍ୟୁ): ବିର୍ଲା ଗ୍ଲୋବାଲ ୟୁନିଭରସିଟି ଭୁବନେଶ୍ୱର ପକ୍ଷରୁ କେନ୍ଦ୍ର ବଜେଟ୍ ୨୦୧୭-୧୮ ସମ୍ବନ୍ଧିୟ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ବକ୍ତା ରୂପେ ଷ୍ଟେଟ୍ କାଉନ୍ସିଲ୍ ଅଫ୍ ହାୟର ଏଜ୍ୟୁକେସନର ପ୍ରଫେସର ଡକ୍ଟର ସୁଧାକର ପଣ୍ଡା, ଏସ୍ଆରବି ଏବଂ ଆସୋସିଏଟ୍ସର ପ୍ରିନ୍ସପାଲ ପାର୍ଟନର ଏସ୍.ସି ଭଦ୍ରଙ୍କ ସମେତ ବିମ୍ଟେକ୍ର ନିର୍ଦ୍ଦେଶକ ଡକ୍ଟର ବି.କେ ଦାସ ଭାଗ ନେଇଥିଲେ । ନିର୍ଦ୍ଦେଶକ ଡକ୍ଟର ନାୟକ କହିଲେ କେନ୍ଦ୍ର ବଜେଟ୍ ଏକ ସନ୍ତୁଳିତ ବଜେଟ୍ । ଯାହାକି ଅଭିବୃଦ୍ଧି ଏବଂ ଖର୍ଚ୍ଚକୁ ଆଖିଆଗରେ ରଖି ସଠିକ୍ ଭାବେ ଉପସ୍ଥାପନ କରାଯାଇଛି । ବିଜିୟୁର ଉପଦେଷ୍ଟା ଡକ୍ଟର ଦାସ, ବ୍ୟାଙ୍କିଂ କ୍ଷେତ୍ରରେ ଏମ୍ଏସ୍ଏମ୍ଇ ଏବଂ ବୃହତ୍ତ ଅଣକାର୍ଯ୍ୟକାରୀ ସଂପତ୍ତି ଉପରେ ଆଲୋଚନା କରିଥିଲେ । ଶିକ୍ଷାକ୍ଷେତ୍ରରେ କୌଶଳ ବିକାଶ ପାଇଁ ମଧ୍ୟ ସଠିକ୍ ନୀତି ପ୍ରଣୟନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଫେସର ପଣ୍ଡା ବଜେଟ୍ ଅର୍ଥନୀତିରେ ଅଭିବୃଦ୍ଧି ହାର ପୁନରୁଦ୍ଧାର ନିମନ୍ତେ ଏହା ଏକ ପ୍ରୟାସ ବୋଲି କହିଥିଲେ । ଶେଷରେ ବିମ୍ଟେକ୍ ଅର୍ଥ ବିଭାଗର ସହକାରୀ ପ୍ରଫେସର ସତ୍ୟକାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

campushalchal@gmail.com

# ବିଜିୟୁ ପକ୍ଷରୁ କେନ୍ଦ୍ର ବଜେଟ୍ ସମ୍ବନ୍ଧୀୟ ସେମିନାର

ଭୁବନେଶ୍ୱର : ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ପକ୍ଷରୁ କେନ୍ଦ୍ର ବଜେଟ୍ (୨୦୧୭-୧୮) ସମ୍ବନ୍ଧୀୟ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି । ଏହି ସେମିନାରରେ ବିଶିଷ୍ଟ ବକ୍ତାରୂପେ ଷ୍ଟେଟ୍ କାଉନସିଲ୍ ଅଫ୍ ହାୟର ଏଜୁକେସନ୍‌ର ପ୍ରଫେସର, ଡ଼ଃ. ସୁଧାକର ପଣ୍ଡା, ଏସ୍‌ଆର୍‌ବି ଏବଂ ଆସୋସିଏଟ୍ ପ୍ରିନ୍ସିପାଲ ପାର୍ଟନର, ଏସ୍. ସି. ଭଦ୍ରଙ୍କ ସମେତ ବିମ୍‌ଟେକ୍‌ର ନିର୍ଦ୍ଦେଶକ, ଡ଼ଃ. ପରମେଶ୍ୱର ନାୟକ ଏବଂ ବିଜିୟୁର ଉପଦେଷ୍ଟା, ଡ଼ଃ. ବି. କେ. ଦାସ ଏହି କାର୍ଯ୍ୟକ୍ରମରେ ଭାଗନେଇଥିଲେ । ବିଜିୟୁର ଉପଦେଷ୍ଟା, ଡ଼ଃ. ଦାସ, ଏହି ଅବସରରେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇ ଏବଂ ବୃହତ ଅଣକାର୍ଯ୍ୟକାରୀ ସମ୍ପତ୍ତି ଉପରେ ଆଲୋଚନା କରିବା ସହ ବିଭିନ୍ନ ଆର୍ଥିକ କ୍ଷେତ୍ର, ସାମାଜିକ କ୍ଷେତ୍ର, ଭିତ୍ତିଭୂମି, ଶକ୍ତି କ୍ଷେତ୍ର ଉପରେ ଥିବା ଆବଶ୍ୟକତାକୁ ପୂରଣ କରାଯିବା ପାଇଁ ପଲିସି ତିଆରି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଶେଷରେ ବିମ୍‌ଟେକ୍ ଅର୍ଥ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ତଥା ସିଏ, ସତ୍ୟକାମ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ ।